# ଆଜିଠାରୁ ନୂଆ ବସ୍ ଟର୍ମିନାଲରୁ ଗଡ଼ିବ ଗାଡ଼ି

■ ୫୦ ଟଙ୍କା ପାର୍କିଂ ଫିକୁ ନେଇ ସହମତି

■ କ୍ରସ୍ ସବ୍‌ସିଡ୍ ପାଇଁ ଦାବି କଲା ଠିକା ସଂସ୍ଥା

**ଅନୁଗୋଳ ଅଫିସ, ୯।୫**

ଅନୁଗୋଳବାସୀଙ୍କ ପାଇଁ ଖୁସି ଖବର। ବୁଧବାର ଠାରୁ ଅନୁଗୋଳ ନୂତନ ବସ୍‌ଷ୍ଟାଣ୍ଡରୁ ଗଡ଼ିବ ବସ୍। ମଙ୍ଗଳବାର ଅପରାହ୍ନରେ ନୂଆ ବସ୍‌ଷ୍ଟାଣ୍ଡଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଲ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପାର୍କିଂ ଫି ନେଇ ଥିବା ବିବାଦର ସମାଧାନ ହେବା ପରେ ନୂଆ ବସ୍‌ଷ୍ଟାଣ୍ଡରୁ ବସ୍ ଗଡ଼ିବା ଚୂଡ଼ାନ୍ତ ହୋଇଛି। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପଟ୍ଟନାୟକଙ୍କ ସହ ବସ୍‌ଷ୍ଟାଣ୍ଡ ନିର୍ମାଣ କରିଥିବା ଠିକା ସଂସ୍ଥା ଓ ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ୨୦୨୨ ଡିସେମ୍ବର ୨୯ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ଗସ୍ତରେ ଆସି ନୂତନ ବସ୍ ଟର୍ମିନାଲକୁ ଉଦ୍‌ଘାଟନ କରିଥିଲେ। ତେବେ ଗତ ଡିସେମ୍ବରରୁ ନୂତନ ବସ୍ ଟର୍ମିନାଲ ଉଦ୍‌ଘାଟନ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ପାର୍କିଂ ଫିକୁ ନେଇ ଦୀର୍ଘ ଦିନ ହେବ ଠିକା ସଂସ୍ଥା ଓ ଘରୋଇ ବସ୍ ମାଲିକ ସଂଘ ମଧ୍ୟରେ ବିବାଦ ରହିଥିଲା। ବାରମ୍ବାର ପ୍ରଶାସନ ସହ ବୈଠକ ଆୟୋଜନ କରାଯାଇଥିଲେ ମଧ୍ୟ ଏହା ବିଫଳ ହେଉଥିଲା। ବସ୍ ଟର୍ମିନାଲ ନିର୍ମାଣ କରିଥିବା ଠିକା ସଂସ୍ଥା ୨ଶହ ଟଙ୍କା ପାର୍କିଂ ଫି ରଖିଥିବାବେଳେ ବସ୍ ମାଲିକ ସଂଘ ଏହାକୁ ୫୦ ଟଙ୍କା କରିବାକୁ ଦାବି କରିଥିଲା। ମଙ୍ଗଳବାର ନୂତନ ବସ୍ ଟର୍ମିନାଲରେ ବୈଠକ ପରେ ବୁଧବାର ସକାଳୁ ବସ୍ ଗଡ଼ିବା ନେଇ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଅନୁଗୋଳରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ପାଇଁ ୨୦୧୧ ଜୁଲାଇ ୧୩ ତାରିଖରେ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ୨୦୧୨ ଏପ୍ରିଲ ୯ରେ ଏ ନେଇ ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ(ଟାମଡା) ସହ ମିଲନ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ ଲିମିଟେଡ ଓ ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ ଲିମିଟେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୨୦୧୩ ଜୁନ୍ ୨୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭୂମିପୂଜା କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୪.୯୫ କୋଟି ଟଙ୍କା ବ୍ୟୟବରାଦରେ ହେବାକୁ ଥିବା ଏହି ଟର୍ମିନାଲ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ହେଲେ ଏହାପରେ ବିଭିନ୍ନ ସମସ୍ୟା ଯୋଗୁ ନିର୍ମାଣ ସରିବାକୁ ସାଢ଼େ ୯ ବର୍ଷ ଲାଗିଯାଇଥିଲା। ଏହା ମଧ୍ୟରେ ବ୍ୟୟ ଅଟକଳ ବଢ଼ି ୪୦ କୋଟି ଛୁଇଁଥିଲା। ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲରେ ବିମାନବନ୍ଦର ଭଳି ସୁବିଧା ମିଳିପାରିବ। ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରେ ନିଜ ଗାଡ଼ି ପାର୍କିଂ କରିପାରିବେ। ୧୪ଟି ବଡ଼ ଓ ୧୨ଟି ଛୋଟ ଦୋକାନ ନିର୍ମାଣ କରାଯାଇଥିବାରୁ ସେଠାରେ ଚା, କଫି ଠାରୁ ଆରମ୍ଭ କରି ରେଷ୍ଟୁରାଣ୍ଟ, ମେଡିସିନ୍ ସୁବିଧା ମଧ୍ୟ ଉପଲବ୍ଧ ହେବ। ଡିଜିଟାଲ ଟାଇମ ଟେବୁଲ ବ୍ୟବସ୍ଥା ଥିବାବେଳେ ଟିକେଟ୍ ପାଇଁ ୬ଟି କାଉଣ୍ଟର ରହିଛି। ଏହି ଟର୍ମିନାଲରୁ ପ୍ରଥମେ ୬ଟି ରୁଟ୍‌ରେ ବସ୍ ଗଡ଼ିବ। ଏଠାରେ ଏକାସଙ୍ଗରେ ୩୩ଟି ବସ୍ ରହିବାର ସୁବିଧା ଥିବାବେଳେ ୩୫୦ ଜଣ ଯାତ୍ରୀଙ୍କ ପାଇଁ ବିଶ୍ରାମ ଗୃହ, ଭିଆଇପି ଗେଷ୍ଟ ହାଉସ, କ୍ଲକ ରୁମ୍, ଏଟିଏମ୍, ବେବି ଫିଡିଙ୍ଗ ରୁମ୍, ଶୌଚାଳୟ, ମନୋରଞ୍ଜନ ବ୍ୟବସ୍ଥା, ଫାଣ୍ଟି ଆଦି ରହିଛି। ଏହି ବସ୍ ଟର୍ମିନାଲର ରକ୍ଷଣା ବେକ୍ଷଣ ପାଇଁ ଅଧିକ ଟଙ୍କା ଖର୍ଚ୍ଚ ହେବାର ଥିବାରୁ ସେହି ତୁଳନାରେ ବସ୍‌ରୁ ପାର୍କିଂ ଫି ଆଦାୟ ନ ହେଲେ ସରକାର କ୍ରସ୍ ସବ୍‌ସିଡି ଦେବାକୁ ଠିକା ସଂସ୍ଥା ମିଲନ୍ ବିଲଡରର ନିର୍ଦ୍ଦେଶକ ଅନୁପ ଧୀରସାମନ୍ତ କହିଛନ୍ତି। ଅନୁଗୋଳ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ରାଜୁ ମିଶ୍ର କହିଛନ୍ତି, ପାର୍କିଂ ଫି ବାବଦକୁ ନେଇ ବିବାଦ ରହିଥିଲା। ବୈଠକରେ ଏହା ସମାଧାନ ହୋଇଛି। ବୁଧବାର ଠାରୁ ବସ୍ ନୂତନ ଟର୍ମିନାଲରୁ ଗଡ଼ିବ।


ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।


କାର୍ଯ୍ୟକ୍ଷମ ହୋଇଥିବା ଅନୁଗୋଳ ବସ୍ ଟର୍ମିନାଲ।

## ୬ଜଣଙ୍କ ଘର ଭାଙ୍ଗିଲା ଗୋଠଛଡ଼ା ଦନ୍ତା

**ପାଟଣା,୯।୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜକୁ ସୋମବାର ବିଳମ୍ବିତ ରାତିରେ ଘଟଗାଁ ରେଞ୍ଜରୁ ଏକ ଗୋଠଛଡ଼ା ଦନ୍ତା ହାତୀ ପ୍ରବେଶ କରି ଉତ୍ପାତ ଆରମ୍ଭ କରିବା ସହ ୬ ଜଣଙ୍କ ଘର ଭାଙ୍ଗିଛି। ହାତୀଟି ପାଟଣା ରେଞ୍ଜ୍ ମଲ୍ଲୀପଶି ବିଟ୍ ରାମଚନ୍ଦ୍ରପୁର ଗାଁର ସୁମୀ ମୁଣ୍ଡାଙ୍କ ୨ବଖରା ଖପର ଘର, ବଡ଼ଧନୁର୍ଯ୍ୟପୁରର ବିରାମ ମାଝିଙ୍କ ଖପର ଘର, ପାଟଣା ବିଟ୍ ବୃନ୍ଦାବନପୁରର ଟଙ୍କଧର ମହାନ୍ତ ଓ ଗୋବରାବେଡାର ଦିବାକର ମହାନ୍ତଙ୍କ ଟାଇଲ ଘର ଭାଙ୍ଗି ଦେଇଛି। ଏଥିସହ ରାମଚନ୍ଦ୍ରପୁରର ତନୁ ନାଏକଙ୍କ କଦଳୀ ବଗିଚା ନଷ୍ଟ କରିଛି। ମଙ୍ଗଳବାର ରାତିରେ ମାଧପୁର ଗ୍ରାମର ସୁଆଗ ନାଏକ ଓ ବିଶ୍ୱନାଥ ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏହି ଦନ୍ତା ଜନବସତିରେ ଗାଁକୁ ଗାଁ ବୁଲି ଦାନ୍ତରେ ଘର ଭାଙ୍ଗି ଦେଉଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବର୍ତ୍ତମାନ ହାତୀ ପୁଟୁଲିଆ ଗାଁରେ ବୁଲୁଥିବା ବନପାଳ ଭୂପତି ସେଠୀ କହିଛନ୍ତି।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଗୋପବନ୍ଧୁ ନଗର/ଖୁଣ୍ଟା,୯।୫(ଡି.ଏନ.ଏ.):** ଖୁଣ୍ଟା ଥାନା ଅଧୀନ ନାଲୁହା ନଦୀରେ ବୁଡ଼ି ଅତାନଟୀ ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କାଳିଚରଣ ଟୁଡୁ (୩୦)। ପରିବାର ଲୋକଙ୍କ କହିବା ଅନୁଯାୟୀ, କାଳିଚରଣ ସୋମବାର ଅପରାହ୍ନରେ ନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ତେବେ କାଳି ଚରଣ ନଦୀରେ ପଡ଼ିଥିବା ସ୍ଥାନରେ ମାତ୍ର ୨/୩ଫୁଟ ପାଣି ରହିଥିବା ବେଳେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ମହିଳାଙ୍କୁ ବଳାତ୍କାର, ଜଣେ ଗିରଫ

**ବଇଣ୍ଡା,୯।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ହଣ୍ଡପା ଥାନା ଇଚ୍ଛାପୁର ଗ୍ରାମର ମନୋଜ ସାହୁ (୩୬) ମଙ୍ଗଳବାର ବଳାତ୍କାର କରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୧୩/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଛି। ପୋଲିସ କହିଛି, ସମ୍ପୃକ୍ତା ମହିଳା ନିକଟସ୍ଥ ଜଙ୍ଗଲକୁ କାଜୁ ସଂଗ୍ରହ କରିବାକୁ ଯାଇଥିଲେ। ମନୋଜ ତାଙ୍କୁ ଏକୁଟିଆ ପାଇ ଜଙ୍ଗଲରେ ବଳାତ୍କାର କରିଥିଲେ। ମହିଳା ଜଣଙ୍କ ଭୟଭୀତ ଅବସ୍ଥାରେ ଘରକୁ ଆସିବା ପରେ ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କ ଡାକ୍ତରୀ ମାଇନା ପରେ ମନୋଜଙ୍କୁ ଗିରଫ କରାଯାଇଥିବା ଆଇଆଇସି ନମିତା ନାୟକ ସୂଚନା ଦେଇଛନ୍ତି।

## ବନ୍ତ ଥାନା ଅଞ୍ଚଳରେ ବଢୁଛି ଲୁଟ୍

**ବନ୍ତ,୯।୫ (ଡି.ଏନ୍.ଏ.)**

ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳରେ ଲୁଟେରାମାନଙ୍କ ଦୌରାତ୍ମ୍ୟ ଦିନକୁଦିନ ବଢ଼ି ଚାଲିଛି। ରବିବାର ରାତିରେ ପଧାନପଡ଼ା-ଓଳମ ରାସ୍ତାର ନିମପଲ୍ଲୀ ଛକ ନିକଟରେ ବନ୍ତସ୍ଥିତ ଏଲ୍ ଆଣ୍ଡ୍ ଟି ଫାଇନାନ୍ସ କମ୍ପାନୀର ୨ କର୍ମଚାରୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୩ ଦୁର୍ବୃତ୍ତ ୧ ଲକ୍ଷ ୬୩ ହଜାର ଟଙ୍କା ଲୁଟି ନେଇଛନ୍ତି। ସୋମବାର ଫାଇନାନ୍ସ କମ୍ପାନୀର ଶାଖା ପରିଚାଳକ ପ୍ରୀତମ ରଞ୍ଜନ ଦାସଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୭୦/୨୩) ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ଡଗ୍‌ସ୍କ୍ୱାଡ୍ ସହାୟତାରେ ତଦନ୍ତ ଜାରି ରଖିଛି। ସେହିପରି ଗତ ଏପ୍ରିଲ ୨୮ରେ ବନ୍ତ ବଜାରସ୍ଥିତ ଏକ ଔଷଧ ଦୋକାନ ଆଗରୁ ଲୁଟେରାମାନେ ଭଦ୍ରକସ୍ଥିତ ନାରାୟଣ ଫାର୍ମା କମ୍ପାନୀର ଜଣେ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଥିବା ବ୍ୟାଗ୍ ଲୁଟି ନେଇଥିଲେ।

# ଉତ୍କଳୀୟ ଭାଷା, ସାହିତ୍ୟର ପ୍ରଶଂସା


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ଅନୁଗୋଳ ଅଫିସ,୯।୫**

ଅନୁଗୋଳ ହୁଲୁରିସିଂହା ବାଦିପାଲା ରଜତ ଜୟନ୍ତୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଶରଣାର ବିନ୍ଦ ଓଝା ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଜାତିର ନିଜସ୍ୱ ପରମ୍ପରା ଓ ପାଲାରେ ଉତ୍କଳୀୟ ଭାଷା, ସାହିତ୍ୟର ପ୍ରଶଂସା କରିଥିଲେ। ପରେ ପ୍ରସିଦ୍ଧ ନୃତ୍ୟ ଶିକ୍ଷାନୁଷ୍ଠାନ ଯଥା ନୃତ୍ୟନିଳୟ ହେମସୁରପଡ଼ା, ନିୟୁ କ୍ରିଏସନ ଡ୍ୟାନ୍ସ ଏକାଡେମୀ ଅମଳାପଡ଼ା ଓ ସରୋଜ ଡ୍ୟାନ୍ସ ଗ୍ରୁପ୍ ଶିମିଳିପଡ଼ା ତରଫରୁ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ଶତାଧିକ ଜନସମାଗମ ହୋଇଥିଲା। ରାତିରେ ଦର୍ଶକଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଓ ବିଭିନ୍ନ ନୃତ୍ୟ ଏକାଡେମୀର ନୃତ୍ୟଗୁରୁଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପ୍ରଧାନ, ସମ୍ପାଦକ ଅନୀଲ ପ୍ରଧାନ, ଆବାହକ ନୀଳମଣି ଦେହୁରି ପରିଚାଳନା କରିଥିଲେ।

# ଏନ୍‌ଏସି ତରଫରୁ ଦକ୍ଷତା ବୃଦ୍ଧି କର୍ମଶାଳା

**ଆଠମଲ୍ଲିକ,୯।୫(ଡି.ଏନ.ଏ.)**

ମିଶନ ଶକ୍ତି ସହାଭାଗିତାରେ ଜଳାଶୟ ଗୁଡିକର ରୂପାନ୍ତରୀକରଣ ନିମନ୍ତେ ମଙ୍ଗଳବାର ଆଠମଲ୍ଲିକ ବ୍ଲକ ସଭାଗୃହରେ ଦକ୍ଷତା ବୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଇଞ୍ଜିନିୟର ରବୀନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଡ. ଭକ୍ତକବି ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ତରଣୀ ସୁନା, କାର୍ଯ୍ୟକ୍ରମ ସଂଯୋଜକ ପ୍ରଶାନ୍ତ ମହାରଣା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଆଶାକୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ସଚିବ ଡ. ଦାସ ଓ କାର୍ଯ୍ୟକ୍ରମ ସଂଯୋଜକ ମହାରଣା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିଥିଲେ। ମୁକ୍ତା କାର୍ଯ୍ୟକ୍ରମ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ହେଉଥିବା କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ତାଲିମ ଦିଆଯାଇଥଲା। ଶେଷରେ ନିର୍ବାହୀ ଅଧିକାରୀ ଜେନା ଧନ୍ୟବାଦ ଦେଇଥିଲେ। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। କର୍ମଚାରୀମାନେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଅତିଥି ସହରରେ ଥିବା ସମସ୍ତ ପୋଖରୀ ପରିଦର୍ଶନ କରିଥିଲେ।



ଦକ୍ଷତାବୃଦ୍ଧି କର୍ମଶାଳାରେ ଅତିଥିମାନେ।

# କୃଷି ଋଣ ପ୍ରଦାନ ଉପରେ ଆଲୋଚନା



ପ୍ରସ୍ତୁତି ବୈଠକରେ ଅଧିକାରୀମାନେ।

**ଆଠମଲ୍ଲିକ,୯।୫(ଡି.ଏନ.ଏ.)**

ଆଠମଲ୍ଲିକ କୃଷି କାର୍ଯ୍ୟାଳୟ ପରିସରରେ ଥିବା ଟ୍ରେନିଂ ହଲରେ ବଳରାମ ଯୋଜନାର ସଫଳତା ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ତହସିଲଦାର ଯଶୋବନ୍ତ ଦେହୁରୀ, ଜିଲା କୃଷି ଅଧିକାରୀ ବିଷ୍ଣୁପ୍ରସାଦ କର, ବ୍ଲକ କୃଷି ଅଧିକାରୀ ଚଣ୍ଡୀପ୍ରସାଦ ମହାଳିକ, ଏଆରସିଏସ ବିରଜାନନ୍ଦ ଦାସ, ଆଠମଲ୍ଲିକରେ ଅବସ୍ଥାପିତ ବ୍ୟାଙ୍କ ପ୍ରତିଷ୍ଠାନର ଶାଖା ପରିଚାଳକ, ବ୍ୟାଙ୍କ ମିତ୍ର, କୃଷକ ସାଥି ଯୋଗ ଦେଇଥିଲେ। ବିଶେଷ କରି ମେ’ ମାସରେ ଭୂମିହୀନ କୃଷକଙ୍କୁ ଜେ.ଏଲ. ଗ୍ରୁପ ମାଧ୍ୟମରେ କିପରି ସହଜ ଓ ସରଳ ଉପାୟରେ କୃଷିଋଣ ପ୍ରଦାନ କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। କୃଷି ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମା’ ମୃତଦେହକୁ କାନ୍ଧରେ ନେଲେ ଝିଅ

**କେନ୍ଦୁଝର, ୯।୫ (ସ୍ୱ.ପ୍ର.)**

ବଞ୍ଚିଥିବା ବେଳେ ମା’ଙ୍କୁ ଅବହେଳା କଲେ। ଆଉ ଏବେ ମା’ ମରିଗଲା ପରେ ମୃତଦେହକୁ କାନ୍ଧ ଦେବା ପାଇଁ ବି ଆସିଲେନି ପୁଅମାନେ। ଶେଷରେ ମା’ ମୃତଦେହକୁ କାନ୍ଧରେ ନେଇ ଶ୍ମଶାନରେ ଅନ୍ତିମ ସଂସ୍କାର କରିଛନ୍ତି ବିବାହିତା ଝିଅ। କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ସଲେଇକେନା ଗ୍ରାମରେ ସୋମବାର ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତ ବୃଦ୍ଧା ହେଲେ ଅପୂର୍ବ ନାଏକ(୮୦)। ତାଙ୍କ ଘର ଯୋଡ଼ା ବ୍ଲକର ମୁଁରସୁଆଁ ଗ୍ରାମରେ।

ସୂଚନା ଅନୁଯାୟୀ, ମୁଁରସୁଆଁ ଗ୍ରାମର ସ୍ୱର୍ଗତ ମୁକୁନ୍ଦ ନାଏକଙ୍କ ସ୍ତ୍ରୀ ଅପୂର୍ବ। ତାଙ୍କର ତିନି ପୁଅ ଓ ଗୋଟିଏ ଝିଅ। ସ୍ୱାମୀଙ୍କ ମୃତ୍ୟୁ ପରେ ପୁଅମାନେ ଅବହେଳା କରିବାରୁ ସେ ତେଲକୋଇ ବ୍ଲକର ସଲେଇକେନା ଗ୍ରାମରେ ଝିଅ ନିରାଶ ନାଏକଙ୍କ ପାଖରେ ୫ବର୍ଷ ହେଲା ରହିଆସୁଥିଲେ। ସୋମବାର ତାଙ୍କର ଅକସ୍ମାତ୍ ବିୟୋଗ ହୋଇଥିବା ବେଳେ ନିରାଶ ଭାଇମାନଙ୍କୁ ଖବର ଦେଇଥିଲେ। ହେଲେ ସେମାନେ ନ ଆସିବାରୁ ସେ ସ୍ଥାନୀୟ ସରପଞ୍ଚ ପାଙ୍ଗେଲା ମୁଣ୍ଡା, ୱାର୍ଡ ମେମ୍ବର ଓ ଭଦ୍ରବ୍ୟକ୍ତିଙ୍କ ସହଯୋଗରେ ନିଜେ ମୃତଦେହକୁ କାନ୍ଧରେ ବୋହି ଶ୍ମଶାନକୁ ନେଇଥିଲେ। ସେ ମା’ଙ୍କୁ ମୁଖାଗ୍ନି ଦେଇ ଶେଷକୃତ୍ୟ କରିଥିବା ନିରାଶ କହିଛନ୍ତି। ଅପରପକ୍ଷେ ଏଭଳି ଅଭିଯୋଗକୁ ତାଙ୍କ ଭାଇମାନେ ଅସ୍ୱୀକାର କରଛନ୍ତି।



# ଓଏମ୍‌ସି ଜିଲିଂ ଲୋଙ୍ଗଲୋଟା ଲୌହ ଖଣିର ଜନ ଶୁଣାଣି

**ଯୋଡା,୯।୫(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଜୁରୁଡ଼ିସ୍ଥିତ ଓଡ଼ିଶା ମାଇନିଂ କର୍ପୋରେଶନ ଲିମିଟେଡ୍‌ର ପରିବେଶୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜୁରୁଡ଼ିଠାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ଜଳହରି, ଜଜାଙ୍ଗ ଓ ଜୁରୁଡ଼ି ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ। କେତେକ ଗ୍ରାମବାସୀ ଲିଖିତ ଦାବିପତ୍ର ଦେଇଥିଲେ। ଜଳହରି, ଜୁରୁଡି,ବାଂଶପାଣି, ଖୁଣ୍ଟପାଣି, ଭୋଳବେଡା, ଜଜାଙ୍ଗ ପ୍ରଭୃତି ଅଞ୍ଚଳରେ ଥିବା ଜିଲିଂ ଲଙ୍ଗାଲୋଟା ଲୌହଖଣି ୪୫୬.୦୩୭ ହେକ୍ଟର (ଡିଜିପିଏସ୍ ଅନୁଯାୟୀ) ପରିମିତ ଅଞ୍ଚଳରେ ଅବସ୍ଥିତ। ପୂର୍ବରୁ ଖଣିର ଉତ୍ପାଦନ କ୍ଷମତା ୬.୨୮ମିଲିୟନ ଟନ ଥିଲା। ଯାହାକି ୧୦ ମିଲିୟନ ଟନକୁ ବୃଦ୍ଧି ହେବା ସହିତ ବିଦ୍ୟମାନ କ୍ରସିଂ ଏବଂ ସ୍କ୍ରିନିଂ ୟୁନିଟର କ୍ଷମତା ବୃଦ୍ଧି ଏବଂ ସ୍ଥାନ ପରିବର୍ତ୍ତନର ପ୍ରସ୍ତାବ ନେଇ ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ୧୯୫୪ ପରଠାରୁ ଜିଲିଂ ଲୋଙ୍ଗଲୋଟା ଖଣି କାର୍ଯ୍ୟକ୍ଷମ ରହିଛି। ଏହି ଖଣି ପୂର୍ବରୁ ଏସେଲ ମାଇନିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଥିଲା। ଜାନୁଆରୀ ୨୦୨୧ରେ ଓଡ଼ିଶା ଖଣି ନିଗମ ଖଣି ଦାୟିତ୍ୱ ଗ୍ରହଣ କରିଥିଲା। ବାର୍ଷିକ ୬.୨୮ ନିୟୁତ ଟନରୁ ୧୦ ନିୟୁତ ଟନକୁ ବୃଦ୍ଧି ସହିତ ବର୍ଜ୍ୟ ୭.୪୩୮୫ ନିୟୁତ ଟିପିଏ ଟପ ସଏଲ, ଷ୍ଟେଶନାରୀ କ୍ରସିଂ ୟୁନିଟ, ୧୫୦ ଟିପିଏଚ୍ ମୋବାଇଲ ସ୍କ୍ରିନିଙ୍ଗ ୟୁନିଟ,କ୍ରସିଂ ୟୁନିଟ, ପୋର୍ଟବୋଲ ସ୍କ୍ରିନିଙ୍ଗ ୟୁନିଟ ସ୍ଥାପନା କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପରିବେଶ ମଞ୍ଜୁରୀ ନିମନ୍ତେ ଏହି ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଖଣି ପ୍ରଭାବିତ ବାସିନ୍ଦାମାନେ କର୍ମ ନିଯୁକ୍ତିରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବତୀଯୁବକମାନଙ୍କୁ ଅଗ୍ରାଧିକାର, ପାରିପାର୍ଶ୍ୱିକ ଉନ୍ନୟନ ଏବଂ ସାମାଜିକ ବନୀକରଣ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ। ଯାହାକୁ ଓଏମ୍‌ସି କର୍ତ୍ତୃପକ୍ଷ ମାନିନେଇଥିବା ବେଳେ ସର୍ବସମ୍ମତିକ୍ରମେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ସପକ୍ଷରେ ଯାଇଥିଲା ଜନଶୁଣାଣି।

ଏହି ଜନଶୁଣାଣିରେ କେନ୍ଦୁଝର ଅତିରିକ୍ତ ଜିଲାପଳ ଯଦୁମଣି ମହଲା ସଭାପତିତ୍ୱ କରିଥିଲେ। ସଭାରେ କେନ୍ଦୁଝର ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ପ୍ରଶାନ୍ତ କର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକୁ ଶୁଣିଥିଲେ। ଓଡ଼ିଶା ଖଣି ନିଗମ ଖଣି ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ସିଏସ୍‌ଆର୍ ଜରିଆରେ ଏହି ଅଞ୍ଚଳର ଉନ୍ନୟନ ପାଇଁ ଗୁରୁତ୍ୱ ଦେଇଥିବା ବେଳେ ଖଣି ନିକଟବର୍ତ୍ତୀ ଜନସାଧାରଣଙ୍କର ଜୀବିକା, ଗୋଷ୍ଠୀ ଉନ୍ନୟନ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ଶିକ୍ଷା, ଦକ୍ଷତା ବିକାଶ, କ୍ରୀଡ଼ା ଓ ସାଂସ୍କୃତିକ କ୍ଷେତ୍ରରେ ଗତ ୨ ବର୍ଷ (୨୦୨୧ରୁ ୨୦୨୩) ମଧ୍ୟରେ ସର୍ବମୋଟ ୬.୫୮ କୋଟି ଟଙ୍କା ଜିଲିଂ ଲୋଙ୍ଗଲୋଟା ଖଣିର ଗୋଷ୍ଠୀ ସାମାଜିକ ଦାୟିତ୍ୱ ନିମନ୍ତେ ଖର୍ଚ୍ଚ କରାଯିବ ବୋଲି ଓଏମ୍‌ସି ଅଧିକାରୀ ପ୍ରକାଶ କରିଥିଲେ। ଖଣିରେ ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ପ୍ରତ୍ୟେକ୍ଷ ଓ ପରୋକ୍ଷରେ ନିଯୁକ୍ତି ପାଇବେ। ଖଣିର ପ୍ରସ୍ତାବିତ ସମ୍ପ୍ରସାରଣ ଦ୍ୱାରା ୪୮୮ ବ୍ୟକ୍ତି ପ୍ରତ୍ୟେକ୍ଷ ନିଯୁକ୍ତି ପାଇବେ ଏବଂ ବହୁ ବ୍ୟକ୍ତି ପରୋକ୍ଷ ନିଯୁକ୍ତି ପାଇବା ସହ ସ୍ଥାନୀୟ ଲୋକଙ୍କ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପ କ୍ଷେତ୍ରରେ ଅର୍ଥନୈତିକ ଉନ୍ନତି ହେବ ବୋଲି ଓଡ଼ିଶା ଖଣି ନିଗମର ବଡ଼ବିଲ ରିଜିଓନାଲ ମ୍ୟାନେଜର ଅବନୀକାନ୍ତ ପ୍ରଧାନ ପ୍ରକାଶ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।


ଜନ ଶୁଣାଣିରେ ଉପସ୍ଥିତ ଅଧିକାରୀ।

## ସଂକ୍ଷେପରେ

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଭୁବନ,୯।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅନ୍ତର୍ଗତ ୧୪ ନମ୍ବର ୱାର୍ଡ ବଢେଇ ସାହିର ଧର୍ମ ପରାୟଣ ବ୍ୟକ୍ତି ଧେଡି ବିହାରୀ (୯୧)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। କିଛିଦିନ ହେବ ସେ ବାର୍ଦ୍ଧକ୍ୟ



ଜନିତ ରୋଗରେ ପୀଡ଼ିତ ଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ଭୁବନ ହିଙ୍ଗୁଳା ମନ୍ଦିର ନିକଟସ୍ଥ ତାଙ୍କ ବଗିଚାରେ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ନବକିଶୋର ବିହାରୀ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପୋଖରୀକୁ ପଶିଗଲା ପିକ୍ଅପ୍ ଭ୍ୟାନ୍

**ଢେଙ୍କାନାଳ ଅଫିସ,୯।୫:** ଢେଙ୍କାନାଳ ସହର କୁଞ୍ଜକାନ୍ତ ପୋଖରୀ ନିକଟରେ ମଙ୍ଗଳବାର ରାତି ୮ଟାରେ ଏକ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଘରକୁ ଆଣୁଥିବା ପିକ୍ଅପ୍ ଭ୍ୟାନ୍ ପୋଖରୀ ମଧକୁ ପଶି ଯାଇଥିଲା। ତେବେ ଗାଡ଼ିରେ ଥିବା



୪ ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ଛାତ୍ରୀଛାତ୍ରମାନଙ୍କୁ ପରିବହନ କରୁଥିବା ଉକ୍ତ ଗାଡ଼ି କିପରି ଦର୍ଘଟଣାର ସମ୍ମୁଖୀନ ହେଲା ତାହା ତଦନ୍ତ ସାପେକ୍ଷ।

# ଅବ୍ୟବସ୍ଥା ଘେରରେ କପିଳାସ ପୀଠ

- ପାହାଚ ରାସ୍ତା ନିକଟସ୍ଥ ଶୌଚାଳୟ ପାଲଟିଲା ଲଜ୍
- ଗୋଷ୍ଠୀ ସୁବିଧା କେନ୍ଦ୍ରରେ ଚାଲିଛି ଫାଣ୍ଡି
- କୁମ୍ଭକର୍ଣ୍ଣ ନିଦ୍ରାରେ ଦେବୋତ୍ତର ବିଭାଗ

**ଢେଙ୍କାନାଳ ଅଫିସ,୯।୫**



କପିଳାସ ପୀଠ ପାହାଚ ରାସ୍ତା ପାର୍ଶ୍ୱରେ ଥିବା ଶୌଚାଳୟ।

ଢେଙ୍କାନାଳ ଜିଲା ତଥା ରାଜ୍ୟର ପ୍ରସିଦ୍ଧ ଶୈବପୀଠ କପିଳାସରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ପୀଠକୁ ଯିବା ପାଇଁ ପାହାଚ ରାସ୍ତା ନିକଟରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ନିର୍ମିତ ଶୌଚାଳୟ ବହୁଦିନ ଧରି ବ୍ୟବହାର ନ ହୋଇ ପଡିବା ପରେ ଚଳିତବର୍ଷ ଜଣେ ବ୍ୟକ୍ତିଙ୍କୁ ଏହା ନିଲାମ ପ୍ରଦାନ କରାଯାଇଥିଲା। ଫଳରେ ବର୍ତ୍ତମାନ ଉକ୍ତ ଶୌଚାଳୟଟି ଏକ ଲଜ୍‌ରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ଶୌଚାଳୟର ପ୍ୟାନ ଓ ପାଣି ପାଇପ୍ ସିଷ୍ଟମକୁ ବନ୍ଦ କରି ଏହାକୁ ହୋଟେଲ ଭଳି ବ୍ୟବହାର କରାଯିବା ସହିତ ଏଠାରେ ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ହୋଇଛି। ସେହିପରି କପିଳାସ ଛକଠାରେ ଏକ ଫାଣ୍ଡି ଥିଲେ ମଧ ଏଥିପ୍ରତି କୌଣସି ଦୃଷ୍ଟି ପ୍ରଦାନ କରାଯାଉନାହିଁ। ଏହି ଘଟଣାର ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି ପୂର୍ବତନ ବିଧାୟକ ନବୀନ ନନ୍ଦ।

ପୂର୍ବତନ ବିଧାୟକ ନନ୍ଦ କହିଛନ୍ତି, ଠାକୁରଙ୍କ ପାଇଁ ଅର୍ଥର ଏତେ ଅଭାବ ପଡ଼ିଲା ଯେ ଶୌଚାଳୟକୁ ମଧ ନିଲାମ କରିବାକୁ ପଡୁଛି। ରାଜ୍ୟ ଏବଂ ଦେଶରେ ଥିବା ତୀର୍ଥସ୍ଥଳୀଗୁଡ଼ିକରେ କେଉଁଠି ହେଲେ ଶୌଚାଳୟକୁ ବ୍ୟବସାୟ ଭିତ୍ତିରେ ନିଲାମ ଦିଆଯାଇନାହିଁ। ଏଥିସହିତ ଶ୍ରଦ୍ଧାଳୁମାନଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମାଗାରକୁ ମଧ ନିଲାମ ଦିଆଯାଇ ହୋଟେଲ କରି ବ୍ୟବହାର କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପୀଠର ଉନ୍ନତୀକରଣ ପାଇଁ ବହୁ କୋଟି ଟଙ୍କା ଆସୁଥିବା ବେଳେ ଏହା ଶ୍ରଦ୍ଧାଳୁଙ୍କ କାମରେ ଆସୁନାହିଁ। ଗତ ଦୁଇବର୍ଷ ତଳେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ଯାତ୍ରୀମାନଙ୍କ ବିଶ୍ରାମ ଓ ସୁବିଧା ପାଇଁ କପିଳାସ ପୀଠର ପାଦଦେଶରେ ଏକ ବିଶ୍ରାମ ଗୃହ ନିର୍ମିତ ହୋଇଥିଲା। କିନ୍ତୁ ଏହା ଯାତ୍ରୀଙ୍କ ସୁବିଧାରେ ନ ଲାଗି ସେଠାରେ ପୋଲିସ ଫାଣ୍ଡି ଖୋଲାଯାଇଛି। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ବିଧିବଦ୍ଧ ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ବିଧାୟକ ଓ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ କହିଛନ୍ତି, ଅଭିଯୋଗ ସମ୍ପର୍କରେ ଖବର ମିଳିଛି। ବୁଧବାର ଅତିରିକ୍ତ ଦେବୋତ୍ତର ଅଧିକାରୀଙ୍କୁ ଘଟଣାସ୍ଥଳକୁ ପଠାଇ ସତ୍ୟାସତ୍ୟ ଜାଣିବା ପରେ ପଦକ୍ଷେପ ଗ୍ରହଣ କରାଯିବ।

## ହାତୀ ଆକ୍ରମଣରେ ଜଣେ ମୃତ

**ଢେଙ୍କାନାଳ ଅଫିସ/ ଭାପୁର,୯।୫**

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଦୀନବନ୍ଧୁପୁର ଗ୍ରାମ ନିକଟରେ ମଙ୍ଗଳବାର ଦନ୍ତା ହାତୀ ଆକ୍ରମଣରେ କରଡାମଡା ଗ୍ରାମର ଶରତ ଦେହୁରୀ(୫୨)ଙ୍କ ମୃତ୍ୟୁ ଘଟିଛି। ଶରତ ଦୀନବନ୍ଧୁପୁର ଗ୍ରାମ ଛକରୁ ଫେରୁଥିଲେ ହେଁ ଘରେ ପହଞ୍ଚି ନ ଥିଲେ। ଫଳରେ ଘର ଲୋକେ ଗ୍ରାମବାସୀଙ୍କ ସହାୟତାରେ ଖୋଜାଖୋଜି କରିବା ସହ ବନବିଭାଗକୁ ଖବର ଦେଇଥିଲେ। ରାତି ପ୍ରାୟ ୭ ଟାରେ ଉକ୍ତ ରାସ୍ତା ପାର୍ଶ୍ୱରେ ଥିବା ଏକ ବୁଦା ନିକଟରୁ ସାଇକେଲ ସହ ଶରତଙ୍କ ମୃତଦେହ ମିଳିଥିଲା। ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଖବରପାଇ ବନପାଳ ଶରତ ମଲ୍ଲ, ରେଞ୍ଜର ବିଭୂତି ରଞ୍ଜନ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ହାତୀ ଚଳାଚଳ ଉପରେ ଦୃଷ୍ଟି ନ ଦେବା ଓ ସନ୍ଧ୍ୟା ସମୟରେ ବିଦ୍ୟୁତ୍ କାଟ ହେଉଥିବା ଅଭିଜୋଗ ସତ୍ତ୍ୱେ ଦୃଷ୍ଟି ଦିଆଯାଉ ନ ଥିବାରୁ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଛି।

# ଆରଦା ଗ୍ରାମ ସୀମା ଚିହ୍ନଟ ଦାବି



ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା ସଦର ବ୍ଲକ ଆରଦା ଗ୍ରାମବାସୀ ସୀମା ଚିହ୍ନଟ ପାଇଁ ତହସିଲଦାରଙ୍କୁ ଏକ ଲିଖିତ ପତ୍ର ମଙ୍ଗଳବାର ପ୍ରଦାନ କରିଛନ୍ତି। ପୂର୍ବରୁ ଆରଦା ଗ୍ରାମବାସୀ ଏଥିପାଇଁ ଆବେଦନ କରିଥିଲେ। ତଦନୁଯାୟୀ ଅନ୍ୟ ଗ୍ରାମକୁ ନୋଟିସ୍ କରାଯାଇଥିଲା ଏବଂ ପ୍ରାୟ ତିନିଭାଗ ସୀମା ଚିହ୍ନଟ ସରିଥିଲା। ହେଲେ ଆଉ ଏକଭାଗ ଚିହ୍ନଟ ବାକି ରହିଥିବା ନେଇ ବାରମ୍ବାର ରାଜସ୍ୱ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଅନ୍ୟଗ୍ରାମର ଲୋକମାନେ ଆରଦା ଗ୍ରାମର ଜମିକୁ ଜବରଦଖଲ କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ଅନ୍ୟ ଗ୍ରାମର କେତେଜଣ ବ୍ୟକ୍ତି ଜେସିବି ଲଗାଇ ଆରଦା ଗ୍ରାମରେ ଟ୍ରେଞ୍ଚ ଖୋଳୁଛନ୍ତି । ତେଣୁ ଏହାକୁ ବନ୍ଦ କରିବାକୁ ଗ୍ରାମବାସୀ ହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଗ୍ରାମର ପ୍ରକାଶ ଚନ୍ଦ୍ର ସ୍ୱାଇଁ, ନରହରି ପରିଡା, ନିବାରଣ ରାଉତ, ଭାସ୍କର ଚନ୍ଦ୍ର ସ୍ୱାଇଁ, ତ୍ରିଲୋଚନ ଜେନା, ବିଜୟ କୁମାର ସାହୁ ଓ ଟଙ୍କଧର ରାଉତଙ୍କ ସମେତ ବହୁ ଗ୍ରାମବାସୀ ତହସିଲଦାରଙ୍କୁ ସାକ୍ଷାତ କରି ଏହ ଲିଖିତ ଅଭିଯୋଗ କରିଛନ୍ତି ।

## ଟ୍ରେନ୍ ଚକ ତଳେ ପଡ଼ି ଟିଟିପିଏସ୍ କର୍ମଚାରୀ ମୃତ

**ଅନୁଗୋଳ ଅଫିସ,୯।୫**

ଅନୁଗୋଳ ଜିଲା ତାଳଚେରସ୍ଥିତ ଥର୍ମାଲ ଷ୍ଟେଶନରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରେନରେ ଚଢୁଥିବା ସମୟରେ ଗୋଡ଼ ଖସି ଯିବାରୁ ଟ୍ରେନ ଚକ ତଳେ ଖସି ପଡ଼ି ଟିଟିପିଏସ କର୍ମଚାରୀ ମହମ୍ମଦ ଅଲ୍ଲୀଙ୍କ ମୃତ୍ୟୁ ହୋଇଛି। ଅଲ୍ଲୀ କୌଣସି କାମରେ ପୁରୀ ଅଭିମୁଖେ ଯିବା ପାଇଁ ଥର୍ମାଲ ଷ୍ଟେଶନଠାରେ ଦୁର୍ଗ-ପୁରୀ ଟ୍ରେନରେ ଚଢୁଥିଲେ। ସେହି ସମୟରେ ତାଙ୍କ ଗୋଡ଼ ଖସି ଯିବାରୁ ଚଳନ୍ତା ଟ୍ରେନ୍ ଚକା ତଳେ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସରକାରୀ ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ପଦୋନ୍ନତି ତାଲିକାରେ ତ୍ରୁଟି ଅଭିଯୋଗ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା ପ୍ରାଥମିକ ଶିକ୍ଷକମାନଙ୍କ ପଦୋନ୍ନତି ତାଲିକାରେ ତ୍ରୁଟି ଥିବା ନେଇ ମଙ୍ଗଳବାର ପ୍ରାଥମିକ ଶିକ୍ଷକଙ୍କ ତରଫରୁ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ଚାକିରିର ମୂଳନିଯୁକ୍ତି (ଶିକ୍ଷାକର୍ମୀ/ଶିକ୍ଷା ସହାୟକ/ନିୟମିତ) ପରବର୍ତ୍ତୀ ସମୟରେ କେତେଜଣ ଶିକ୍ଷକ ଉଚ୍ଚଶିକ୍ଷାପ୍ରାପ୍ତ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ଅନୁମତିପତ୍ର ନ ନେଇ ଚଞ୍ଚକତା କରି ସେବା ପୁସ୍ତିକାରେ ଶିକ୍ଷାଗତ ଯୋଗ୍ୟତାକୁ ଲିପିବଦ୍ଧ କରି ପଦୋନ୍ନତି ପାଇଛନ୍ତି ଏବଂ ଆଗକୁ ପାଇବା ପାଇଁ ମସୁଧା ଚଳାଇଛନ୍ତି। କ୍ୟାଡର ରୁଲ୍ ୨୦୧୯ ଅନୁଯାୟୀ ଲେବୁଲ୍-୪ ପ୍ରଧାନଶିକ୍ଷକ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାଇଁ ପ୍ରସ୍ତୁତ ହୋଇଥିବା ତାଲିକାରେ ଏପରି କେତେଜଣ ଶିକ୍ଷକଙ୍କ ନାମ ଦରଜ ହୋଇଛି, ଯାହାକି କ୍ୟାଡର୍ ରୁଲ୍ ୨୦୧୯ର ବିରୁଦ୍ଧାଚରଣ କରୁଛି। ମୂଳ ନିଯୁକ୍ତି ସମୟରେ ଥିବା ଯୋଗ୍ୟତା ଅନୁଯାୟୀ ପଦୋନ୍ନତି ଦିଆଯିବାକୁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଯଦି ସେବାକାଳ ମଧ୍ୟରେ ଉଚ୍ଚଶିକ୍ଷା ହାସଲ କରିଥିବେ ଓ ବିଭାଗୀୟ ଅଧିକାରୀଙ୍କ ଠାରୁ ଅନୁମତି ନେଇଥିବେ ତା'ହେଲେ ସବିଶେଷ ତଥ୍ୟକୁ ବିଚାରକୁ ନିଆଯିବ। ମାତ୍ର ଢେଙ୍କାନାଳ ଜିଲାରେ ଏହାକୁ ଉପେକ୍ଷା କରି ୨୦୧୧ ମସିହା ଠାରୁ ଅନୁମତି ପତ୍ର ଖୋଜିବା ସହ ଓଟିଇଟି-୧୧ ପାସ୍ ପ୍ରମାଣପତ୍ର ଦେଖାଯାଉଛି। କେତେଜଣ ଶିକ୍ଷକ ଏକ ସମୟରେ ଚାକିରିରେ ଥାଇ ବିନା ଅନୁମତିରେ ନିୟମିତ ଶିକ୍ଷାନୁଷ୍ଠାନରେ ଉଚ୍ଚଶିକ୍ଷା ପ୍ରାପ୍ତ କରିଛନ୍ତି, ଯାହା ତଦନ୍ତ ପରିସରଭୁକ୍ତ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଏକ ସ୍ୱଚ୍ଛ, ନିରପେକ୍ଷ ପଦୋନ୍ନତି ତାଲିକା ପ୍ରକାଶ କରାଯିବା ପାଇଁ ପ୍ରାଥମିକ ଶିକ୍ଷକଗଣ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କହିଛନ୍ତି, ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଠାରୁ ଗତ ୬ ତାରିଖରେ ଏକ ଚିଠି ଆସିଥିବାବେଳେ ତାହାର ଅନୁଧ୍ୟାନ କରାଯାଉଛି। ଅନୁଧ୍ୟାନ ପରେ କିଛି ଜଣାପଡିଲେ ଏ ସମ୍ପର୍କରେ ସ୍ପଷ୍ଟୀକରଣ ମାଗିବୁ। କିଛି ନ ହେଉଣୁ ଅଯଥାରେ ଶିକ୍ଷକମାନେ ନିଜ ଭିତରେ ଟଣାଟଣି ହେଉଛନ୍ତି ବୋଲି ଶିକ୍ଷା ଅଧିକାରୀ ପ୍ରକାଶ କରିଛନ୍ତି।

# କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା, ଆର୍ଥିକ ସହାୟତା ଦିଅ




ଏଏପି ପକ୍ଷରୁ କିଡ୍‌ନୀ ରୋଗୀଙ୍କୁ ଚିକିତ୍ସା ସହାୟତା ଦାବିରେ ବିକ୍ଷୋଭ ଶୋଭାଯାତ୍ରା।

## ଆମ୍ ଆଦ୍‌ମୀ ପାର୍ଟିର ଦାବି

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲାର କିଡ୍‌ନୀ ରୋଗୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ଏଏପି ଢେଙ୍କାନାଳ ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏକ ଶୋଭାଯାତ୍ରାରେ ଦଳୀୟ କର୍ମୀ ଏବଂ ରୋଗାକ୍ରାନ୍ତଙ୍କ ପରିଜନମାନେ ସାମିଲ ହୋଇଥିଲେ। ଦଳୀୟ କାର୍ଯ୍ୟାଳୟ ଠାରୁ ବାହାରିଥିବା ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଢେଙ୍କାନାଳ ଜିଲାରେ ସହସ୍ରାଧିକ କିଡ୍‌ନୀ ରୋଗୀ ଥିବାବେଳେ ସେଥିରୁ ଶତାଧିକ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅନେକ ରୋଗୀ ଘରୋଇ ହସ୍ପିଟାଲ୍‌କୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଅତ୍ୟନ୍ତ ଅସହାୟ ଅବସ୍ଥାରେ ଥିବା କେତେଜଣ ରୋଗୀ ସରକାରୀ ଓ ବେସରକାରୀ ଚିକିତ୍ସା ସେବା ପାଇ ନ ପାରି ପ୍ରାଣ ହରାଉଛନ୍ତି। ସାଧାରଣ ଗରିବ ଲୋକଙ୍କୁ ସରକାର କେବଳ ବୀମା କାର୍ଡ ଖଣ୍ଡେ ଧରାଇ ଦେଇଥିବା ବେଳେ ଏହି ଚିକିତ୍ସା ସୁବିଧା ଯୋଗାଇଦେବା ନାମରେ କୋଟି କୋଟି ଟଙ୍କା ଦୁର୍ନୀତି କରାଯାଉଛି। ତେଣୁ କିଡ୍‌ନୀ ରୋଗ ବ୍ୟାପୁଥିବା ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆକ୍ରାନ୍ତ ରୋଗୀଙ୍କୁ ଡାଏଲିସିସ୍ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ଆଣିବା ନିମନ୍ତେ ଆମ୍ବୁଲାନ୍ସ ସେବା, ଆର୍ଥିକ ସହାୟତା ରାଶି ପ୍ରଦାନ, କିଡ୍‌ନୀ ରୋଗରେ ପ୍ରାଣ ହରାଉଥିବା ରୋଗୀଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ଆର୍ଥିକ ଅନୁକମ୍ପା ରାଶି ପ୍ରଦାନ, ଜିଲାର କିଡ୍‌ନୀ ରୋଗୀମାନଙ୍କ ପାଇଁ ଜନ ଔଷଧି ଓ ନିରାମୟ ଯୋଜନା କେନ୍ଦ୍ରରେ ଔଷଧ ଉପଲବ୍ଧ କରାଇବା, ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗ ବିଶେଷଜ୍ଞ ଡାକ୍ତର ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍)ରୁ ନିୟୋଜିତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଏଏପି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ନେହଲତା ମହାନ୍ତି, ସଂଯୁକ୍ତା ମହାପାତ୍ର, ଡାଳିମ୍ବ ବେହେରା, ଉପସଭାପତି ରମେଶ ଚନ୍ଦ୍ର ପଣ୍ଡା ଓ ବିକ୍ରମ ରାଉତ, ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା, ହିନ୍ଦୋଳ ବ୍ଲକ ସଭାପତି ମନୋରଞ୍ଜନ ପାଳ, ଜିଲା ମିଡିଆ ପ୍ରଭାରୀ ଜିତେନ୍ଦ୍ର ବେହେରା, ବିଧୁରଞ୍ଜନ ନାୟକ, ଯୁବ ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ, କାର୍ଯ୍ୟାଳୟ ପ୍ରମୁଖ ଚିନ୍ମୟ ସେନାପତି, ସଞ୍ଜୁ ବେହେରା, ମାନସ ବେହେରା, ଜଗନ୍ନାଥ ବେହେରା, ପ୍ରାଣବନ୍ଧୁ ଦେହୁରୀ, ବିଦ୍ୟାଧର ବେହେରାଙ୍କ ସହିତ ପୀଡିତଙ୍କ ସମ୍ପର୍କୀୟମାନେ ଯୋଗ ଦେଇଥିଲେ।

## କଳାବ୍ୟାଜ୍ ପିନ୍ଧି ପ୍ରତିବାଦ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳର ବିଦ୍ୟୁତ୍ କର୍ମଚାରୀମାନେ ମଙ୍ଗଳବାର କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ସେମାନେ କହିଛନ୍ତି, ଉତ୍ସର୍ଗୀକୃତ ସେବା ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଆସୁଥିବା ବେଳେ ଓଡ଼ିଶା ଶକ୍ତି ସଞ୍ଚାର ନିଗମ ଲିମିଟେଡ୍ (ଓପିଟିସିଏଲ୍) ୨୦୨୦ ମସିହା ଏପ୍ରିଲ ଠାରୁ ବିଦ୍ୟୁତ୍ ଶ୍ରମିକମାନଙ୍କ ମଜୁରି ନିର୍ଦ୍ଧାରଣକୁ ବକେୟା ରଖିଛି। ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଓପିଟିସିଏଲ୍ କର୍ତ୍ତୃପକ୍ଷ ଏହାକୁ ଲାଗୁ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି। କର୍ମଚାରୀମାନଙ୍କ ବହୁ ଦିନର ଦାବି ତଥା ଟେକ୍‌ନିସିଆନ ଗ୍ରେଡ୍-୩କୁ ୨୮୩୦ ଗ୍ରେଡ୍ ପେ ପ୍ରଦାନ କରିବା ଦାବିରେ ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ଡାକରାରେ ମଙ୍ଗଳବାରଠାରୁ ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରିଛନ୍ତି। ଯଦି ଆସନ୍ତା ୧୫ ତାରିଖରେ ଓପିଟିସିଏଲ୍ କର୍ତ୍ତୃପକ୍ଷ ଦାବି ପୂରଣ ନ କରନ୍ତି ତେବେ ଆସନ୍ତା ୧୬ ତାରିଖରେ ଓପିଟିସିଏଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ମହାସଂଘ ପକ୍ଷରୁ ଢେଙ୍କାନାଳ ଡିଭିଜନ ସମ୍ପାଦକ ଜିତେନ୍ଦ୍ର ରାଉତ, ଟାଇଁପାଳ ଜୋନ୍ ସମ୍ପାଦକ ରତିକାନ୍ତ ଓଝା, ସଙ୍ଗଠନ ସମ୍ପାଦକ ବିଶ୍ୱୟ ହୋତା, କାର୍ଯ୍ୟକାରୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଭୋଇ ଓ ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡା ଏକ ମିଳିତ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଡିପିଏସ୍‌ରେ ସମର ଫେଷ୍ଟ

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ରେ ମଙ୍ଗଳବାର ସମର ଫେଷ୍ଟ-୨୦୨୩ ଉଦ୍‌ଘାଟିତ ହୋଇଯାଇଛି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମର ଫେଷ୍ଟରେ ବରିଷ୍ଠ ଖବରଦାତା ରାଜଶ୍ରୀ ଶତପଥୀ ଓ ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରୀ ମୋହନ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରିନ୍ସିପାଲ ବିଜୟ କୁମାର ସାହୁ ଏହି ଅବସରରେ ଉପସ୍ଥିତ ଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଯୋଗ, ଟାଏକୋଣ୍ଡ, ଏରୋବିକ, ନୃତ୍ୟ, ଚିତ୍ରକଳା, ସଙ୍ଗୀତ, ଚେସ୍, ସ୍ପୋକନ ଇଂଲିଶ, କ୍ରିକେଟ, ଫୁଟବଲ, ଇଂଲିଶ, ହିନ୍ଦୀ ଓ ଓଡ଼ିଆ ନାଟକ, ଟେବୁଲ ଟେନିସ, ବାସ୍କେଟ ବଲ, ସ୍କେଟିଂ ଓ ବୈଦିକ ଗଣିତ ଆଦି ଉପରେ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସହର ମଧ୍ୟରେ ଥିବା ବିଭିନ୍ନ ବିଦ୍ୟାଳୟ ଏବଂ କାମାକ୍ଷାନଗର, ଗୁଡିଆକାଟେଣୀ, ହିନ୍ଦୋଳରୋଡ, ଯୋରନ୍ଦା ଓ କଟକ ଜିଲାର ଆଠଗଡ ଆଦି ସ୍ଥାନର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ବିଦ୍ୟାଳୟର ପ୍ରୋ ଭାଇସ ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାଶଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହେଉଥିବା ବେଳେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରୁଛନ୍ତି।




ସମର ଫେଷ୍ଟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଦୁର୍ବଳ ବନ୍ଧ ଚିହ୍ନଟକରି ତୁରନ୍ତ ମରାମତି କର

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି

**ଢେଙ୍କାନାଳ ଅଫିସ,୯।୫**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବର୍ଷା ଓ ବାତ୍ୟାକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ନଦୀ ନାଳରେ ଥିବା ଦୁର୍ବଳ ବନ୍ଧ ଗୁଡିକୁ ଚିହ୍ନଟ କରି ଏହାର ତୁରନ୍ତ ମରାମତି କରିବା ପାଇଁ ବୈଠକ ଯୋଗଦେଇଥିବା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେପରି କୌଣସି ପ୍ରକାର ଧନ, ଜୀବନ ହାନି ନ ଘଟେ ସେଥିପ୍ରତି ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ଭାବ୍ୟ ବର୍ଷା, ବନ୍ୟା ଓ ବାତ୍ୟାକୁ ଦୃଷ୍ଟିରେ ରଖି ନଇକୂଳିଆ ଓ ଖାଲୁଆ ଅଞ୍ଚଳରେ ଯନ୍ତ୍ରଚାଳିତ ବୋଟ୍ ଓ ଡଙ୍ଗା ମୁତୟନ ବ୍ୟବସ୍ଥା କରିବା, ଆବଶ୍ୟକ ହେଲେ ଲୋକମାନଙ୍କୁ ଉଦ୍ଧାର କରିବା ଉପରେ ବୈଠକରେ ଉପସ୍ଥିତ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ ପରାମର୍ଶ ଦେଇଥିଲେ।

ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାର ସମସ୍ତ ବହୁମୁଖୀ ଆଶ୍ରୟସ୍ଥଳ ଓ ପ୍ରମୁଖ ବିଦ୍ୟାଳୟ ଗୁଡିକ ପ୍ରସ୍ତୁତ ରଖାଯାଇଛି।




ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ।

ଆଶ୍ରୟସ୍ଥଳୀରେ ଆବଶ୍ୟକ ଶୁଖିଲା ଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ଔଷଧ ଓ ଜେନେରେଟର ଆଦିର ବ୍ୟବସ୍ଥା କରାଯାଉଛି। ଆବଶ୍ୟକ ସତର୍କ ସୂଚନା ପ୍ରଦାନ ନିମନ୍ତେ ସମସ୍ତ ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାର୍ଯ୍ୟ କରିବ। ଗର୍ଭବତୀ ମହିଳା, ଶିଶୁ, ବୃଦ୍ଧା ଓ ବୃଦ୍ଧଙ୍କୁ ପୂର୍ବରୁ ଚିହ୍ନଟ କରି ଆବଶ୍ୟକ ହେଲେ ସେମାନଙ୍କୁ ସ୍ଥାନାନ୍ତର କରାଯିବ। ଗଛ ଉପୁଡି ରାସ୍ତା ଅବରୋଧ ହେଲେ ଓଡ୍ରାଫ୍ ଟିମ୍ ସହଯୋଗରେ ଯଥାଶୀଘ୍ର ରାସ୍ତା ଅବରୋଧ ହଟାଇ ଆମ୍ବୁଲାନ୍ସ ଓ ଆବଶ୍ୟକ ଔଷଧ ସହିତ ଡାକ୍ତରୀ ଦଳ ବ୍ୟବସ୍ଥା, ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଲେ ତୁରନ୍ତ ମରାମତି କରାଯାଇ ଯୋଗାଣକୁ ସ୍ୱାଭାବିକ କରିବା, ଯନ୍ତ୍ରଚାଳିତ ବୋଟ୍ ରଖିବା, ପାଣିପାଗ ସମ୍ପର୍କିତ ରିପୋର୍ଟ ପ୍ରଦାନ, ଗୃହପାଳିତ ପଶୁପକ୍ଷୀଙ୍କ ସୁରକ୍ଷା, ଅସ୍ଥାୟୀ ଯୋଗାଯୋଗ ବ୍ୟବସ୍ଥା, ବୃଷ୍ଟିପାତ ପରିମାଣ ରେକର୍ଡ କରିବା, ପୌରାଞ୍ଚଳରେ ନାଳ ନର୍ଦ୍ଦମା ସଫା ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଥିଲେ। ବୈଠକରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଓସଡମା ଡିଆରଆର ସଙ୍ଗୀତା ଦାଶ, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଆପତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇଜିଆଇଟିରେ ଅନ୍ତର୍ଜାତୀୟ ସମ୍ମିଳନୀ

**ପରଜଙ୍ଗ,୯।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ସରାଙ୍ଗସ୍ଥିତ ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଆଇଜିଆଇଟି)ର ସିଭିଲ, କମ୍ପ୍ୟୁଟର ସାଇନ୍ସ, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ତରଫରୁ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଉଦୀୟମାନ ଧାରା-ଉଦ୍ୟୋଗ ୪.୦ (ଇଟିଇଟିଆଇ-୨୦୨୩) ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଇଆଇଏସ୍‌ସି ବେଙ୍ଗାଲୁରର ପ୍ରଫେସର ଡ. ରାଧାକାନ୍ତ ପାଢ଼ି ଏଥିରେ ଅଧକ୍ଷତା କରିଥିଲେ। ଏହି ସମ୍ମିଳନୀରେ ସିଭିଲ, ଇଲେକ୍ଟ୍ରିକାଲ, ମେକାନିକାଲ, କେମିକାଲ, କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ ଏବଂ ଟେଲି ଯୋଗାଯୋଗ ଆଦି ବିଭିନ୍ନ କ୍ଷେତ୍ରକୁ ନେଇ ତତ୍ତ୍ୱଭିତ୍ତିକ ଆଲୋଚନା ହୋଇଥିଲା। ଆଇଆଇଏସସି ବେଙ୍ଗାଲୁର ପ୍ରଫେସର ଡ. ରାଧାକାନ୍ତ ପାଢ଼ି, ଆଇଆଇଟି ତିରୁପତି ପ୍ରଫେସର (ଡ.) ବି. କ୍ରିଷ୍ଣା ପ୍ରପୂର୍ଣ୍ଣା, ଆଇଆଇଟି ଭୁବନେଶ୍ୱର ଫେସର ଡ. ଉମେଶ ଚନ୍ଦ୍ର ସାହୁ, ବୈଜ୍ଞାନିକ ଡ. ଶିକ୍ଷାସ୍ୱରୂପା କର, ଆଇଆଇଟି ଗୌହାଟୀ ପ୍ରଫେସର ଡ. ନିରଞ୍ଜନ ସାହୁ, ଟେକ୍ସାସ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଦୀପକ ତୋଷ ପ୍ରସିଦ୍ଧ ଅନୁଷ୍ଠାନ ଗୁଡ଼ିକର ପ୍ରଫେସରଙ୍କ ଦ୍ୱାରା ଆଲୋଚନା ଉପସ୍ଥାପିତ ହୋଇଥିଲା।
ପ୍ରୋଗ୍ରାମ କମିଟି ଅଧକ୍ଷ ଆଇଜିଆଇଟି ପ୍ରଫେସର ଡ. ଶ୍ରୀନିବାସ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ସତ୍ୟବ୍ରତ ମହାନ୍ତ ସହଯୋଗ କରିଥିଲେ। ମେକାନିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡ. ବିଦ୍ୟାଧର ସାହୁ, ସିଭିଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ଡ. ତୁଷାରକାନ୍ତ ନାଥ, ପ୍ରୟୋଗ ବିଭାଗର ମୁଖ୍ୟ ପ୍ରଫେସର ଡ. ସସ୍ମିତା ମିଶ୍ର, ଡ. ସୁଜିତ ପ୍ରଧାନ ଏବଂ ଡ. ରବିନାରାୟଣ ସେଠୀ ପରିଚାଳନା କରିଥିଲେ।

# ମନ ଛୁଇଁବ ମେଳା

- ବଇଣ୍ଡାରେ ଚମକ ଭରିବ ଚନ୍ଦନଯାତ୍ରା
- ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି ପ୍ରସ୍ତୁତି
- ମିନାବଜାର, ଦୋଳିକୁ ନେଇ ଉତ୍ସାହ



**ବଇଣ୍ଡା, ୯।୫ (ଡି.ଏନ.ଏ.)**

ପରମ୍ପରା ଅନୁଯାୟୀ ହୋଇଛି ପ୍ରସ୍ତୁତି। ଚନ୍ଦନ ପୁଷ୍କରିଣୀରେ ରାଧାକୃଷ୍ଣ ଖେଳିବେ ଚାପ। ପାଟପଟୁଆରରେ ଆସୁଥିବା ଠାକୁରଙ୍କୁ ପାଛୋଟି ଅଣାଯିବ ପୋଖରୀକୁ। ଶୋଭାଯାତ୍ରା ବେଳେ ମୁଖ୍ୟ ଆକର୍ଷଣ ସାଜିବ ସାଜସଜ୍ଜା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଳି କି ଭଳି ଲୋକନୃତ୍ୟ ହେବ ସାମିଲ। ଏଥିପାଇଁ ଉତ୍ସବ ମୁଖର ବଇଣ୍ଡା ଛକ ପରିବେଶ। ଚଳଚଞ୍ଚଳ ହେଲାଣି ଯାତ୍ରା ପଡ଼ିଆ। ଉଠା ଦୋକାନକୁ ନେଇ ମୁଣ୍ଡ ଟେକିଲାଣି ମିନାବଜାର। ବୁଲିବାକୁ ଅପେକ୍ଷା କରିଛି ଏକାଧିକ ଦୋଳି। ଏଥରର ୭ ଦିନିଆ ମେଳା ଛୁଇଁବ ସଭିଙ୍କ ମନ।
ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକର ଚନ୍ଦନ ଯାତ୍ରା ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। ୧୯୭୭ ମସିହାରୁ ଏହି ଯାତ୍ରା ଆରମ୍ଭ ହୋଇଥିବା ବେଳେ ଆସନ୍ତା ଗୁରୁବାର ଏହା ୪୬ ବର୍ଷରେ ପଦାର୍ପଣ କରିବ। ଏଥର ଯାତ୍ରାକୁ ସରକାରୀ ସହାୟତା ମିଳିଛି। ସଂସ୍କୃତି ବିଭାଗ ପକ୍ଷରୁ କିଛି ଆର୍ଥିକ ଅନୁଦାନ ଦିଆଯାଇଛି। ଏହାକୁ ନେଇ ବଇଣ୍ଡାବାସୀଙ୍କ ମନରେ ଅଧିକ ଉତ୍ସାହ ସୃଷ୍ଟି ହୋଇଛି। ଧୁମଧାମ୍‌ରେ ଯାତ୍ରା ଆୟୋଜନ ପାଇଁ କମିଟି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ବଇଣ୍ଡା ଛକକୁ ସାଜସଜ୍ଜା କରାଯାଇଛି। ଦିନକ ପାଇଁ ଚାପ ଖେଳ ହେଉଥିଲେ ବି ୪ ଦିନ ଚାଲିବ ଯାତ୍ରା। ସପ୍ତାହେ ଧରି ମେଳା ବୁଲିବେ ଅଞ୍ଚଳବାସୀ। ବୟୋଜ୍ୟେଷ୍ଠମାନଙ୍କ କହିବା ଅନୁଯାୟୀ, ଛେଣ୍ଡିପଦା ବ୍ଲକ ଆଉଁଳି ଅଞ୍ଚଳର ପିଚୁଣ୍ଡୁ ବାବା ୧୯୭୭ ମସିହାରେ ବଇଣ୍ଡା ଗ୍ରାମରେ ଚନ୍ଦନ ଯାତ୍ରା ଆରମ୍ଭ କରିଥିଲେ। ସେବେଠାରୁ ପ୍ରତ୍ୟେକ ବର୍ଷ ଏହା ପାଳନ ହେଉଛି। ଚଳିତ ବର୍ଷ ବଇଣ୍ଡା ଗ୍ରାମବାସୀ ଓ ଯାତ୍ରା କମିଟି ପକ୍ଷରୁ ବହୁ ଯୋଜନା କରାଯାଇଛି। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ବିଶେଷକରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଥିରେ ସଂକୀର୍ତ୍ତନ ଠାରୁ ଆରମ୍ଭ କରି ଲଉଡିଖେଳ ଯାଏ ଅନେକ ଲୋକନୃତ୍ୟ ସାମିଲ ହେବ। ସେହିପରି ମେଳା ପଡ଼ିଆରେ ପ୍ରତି ସନ୍ଧ୍ୟାରେ ମେଲୋଡି ଅଞ୍ଚଳବାସୀଙ୍କ ମନ ଜିଣିବ। ୫୫ନଂ. ଜାତୀୟ ରାଜପଥ ଏଠାରେ ସମ୍ପ୍ରସାରିତ ହୋଇଥିବାରୁ ଏଥର ଶୋଭାଯାତ୍ରା ଠାରୁ ଆରମ୍ଭ କରି ଗାଡ଼ି ଚଳାଚଳ ଯାଏ, ସେପରି ଅସୁବିଧା ଉପୁଜିବ ନାହିଁ ବୋଲି ଆଶା କରାଯାଉଛି। ରାଜପଥର ଗୋଟିଏ ପାର୍ଶ୍ୱରେ ଶୋଭାଯାତ୍ରା ଯିବାକୁ ଥିବାବେଳେ ଅନ୍ୟ ପାର୍ଶ୍ୱରେ ଯାନବାହନ ଯାତାୟାତ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି।

### ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ



"ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଯାତ୍ରା ବେଳେ ବିଭିନ୍ନ ସ୍ଥାନରେ ଆବଶ୍ୟକ ପୋଲିସ ମୁତୟନ କରାଯିବ। କୌଣସି ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଆଯିବ ନାହିଁ।
-ନମିତା ନାୟକ, ହଣ୍ଡପା ଆଇଆଇସି

### ବ୍ୟାପକ ପ୍ରସ୍ତୁତି କରାଯାଇଛି



"ଯାତ୍ରା ପାଇଁ ବଇଣ୍ଡା ଗ୍ରାମବାସୀ ଏକଜୁଟ ହୋଇଛନ୍ତି। ବିଶେଷକରି କିଭଳି ଧୁମଧାମରେ ଯାତ୍ରା ପାଳନ ହେବ ସେ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶୃଙ୍ଖଳାର ସହ ଯାତ୍ରା ପାଳନ ଉପରେ ପଦକ୍ଷେପ ନିଆଯାଇଛି।
-ପ୍ରତାପ କୁମାର ପ୍ରଧାନ, ଯାତ୍ରା କମିଟି ସଭାପତି

### ଆଧୁନିକୀକରଣ ଉପରେ ଗୁରୁତ୍ୱ



"ଯାତ୍ରାର ଆଧୁନିକୀକରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଯାତ୍ରା ପଡିଆକୁ ମଧ ବ୍ୟାପକ ସାଜସଜ୍ଜା କରାଯାଇଛି। ଠାକୁରଙ୍କ ଶୋଭାଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ହେବ ସେ ନେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଇଛି।
-ଅରବିନ୍ଦ ସାହୁ, ଯାତ୍ରା କମିଟି ସମ୍ପାଦକ

### ୭ ଦିନ ବୁଲିବ ଦୋଳି



"ଚଳିତବର୍ଷ ୪ ଦିନ ଧରି ଏହି ଯାତ୍ରା ଅନୁଷ୍ଠିତ ହେବ। କିନ୍ତୁ ଯାତ୍ରା ପଡ଼ିଆରେ ପଡ଼ିବାକୁ ଥିବା ମେଳା, ମିନାବଜାର ଓ ଦୋଳି ଆଦି ସପ୍ତାହେ ଯାଏ ଚାଲିବ। ଗ୍ରାମବାସୀ, ବ୍ୟବସାୟୀ ଓ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଏଥିପାଇଁ ପାଣ୍ଠି ଯୋଗାଡ଼ କରାଯାଇଛି।
-ମାନସ କୁମାର ସାହୁ, ଯାତ୍ରା କମିଟି ଉପସଭାପତି

### ପରମ୍ପରା ବଜାୟ ରହିଛି



"ଦୀର୍ଘ ୪୬ ବର୍ଷ ହେବ ବଇଣ୍ଡା ଗ୍ରାମବାସୀ ଏହି ପରମ୍ପରାକୁ ବଜାୟ ରଖିଛନ୍ତି। ୧୫ ହଜାର ଟଙ୍କାରୁ ଏହି ଯାତ୍ରା ଆରମ୍ଭ ହୋଇ ଏବେ ୧୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ଏହି ଯାତ୍ରା ପାଇଁ ବଇଣ୍ଡା ବେଶ୍ ପରିଚିତ ହାସଲ କରିପାରିଛି।
-ଜିତେନ୍ଦ୍ର ବେହେରା, ବଇଣ୍ଡା

**ନାବାଳିକାଙ୍କ ତଣ୍ଟି କାଟିବା ଘଟଣା**

## ଅଭିଯୁକ୍ତ ରଞ୍ଜନଙ୍କ ପତ୍ତା ପାଉନି ପୋଲିସ

**ଅନୁଗୋଳ ଅଫିସ, ୯।୫**

ଅନୁଗୋଳ ସଦର ଥାନା କୁଇଓ ଗ୍ରାମର ଜଣେ ନାବାଳିକାଙ୍କ ତଣ୍ଟି କରି ସୋମବାର ହତ୍ୟା କରିଥିବା ଏନ୍‌ଟିପିସି ଥାନା ଅଞ୍ଚଳର ଅଭିଯୁକ୍ତ ରଞ୍ଜନ ବେହେରାଙ୍କ ପତ୍ତା ପାଉନି ପୋଲିସ। ଘଟଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ଏବେ କେଉଁଠି ସେ ନେଇ ପୋଲିସ ନିକଟରେ କୌଣସି ତଥ୍ୟ ନାହିଁ। ଏପରି କି ପୋଲିସ ପକ୍ଷରୁ ଗଠନ କରାଯାଇଥିବା ୩ଟି ଟିମ୍ ଘନ ଘନ ଚଢ଼ାଉ କରୁଥିଲେ ବି ରଞ୍ଜନଙ୍କୁ ଧରିବାରେ ସଫଳ ହୋଇପାରି ନାହିଁ। ତେବେ ଘଟଣାର ଅନୁଧାନ ଚାଲିଥିବା ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏନ୍‌ଟିପିସି ଥାନା ବଡ଼ଗୁଣ୍ଡୁରୀ ଗ୍ରାମର ଅଭିଯୁକ୍ତ ରଞ୍ଜନଙ୍କ ସହ ସମ୍ପୃକ୍ତା ନାବାଳିକାଙ୍କ ପରିଚୟ ଥିଲା। ବର୍ଷେ ହେଲା ଉଭୟେ ଫୋନରେ କଥା ହେଉଥିଲେ। ହେଲେ ୩ ମାସ ହେଲା ନାବାଳିକା କଥାବାର୍ତ୍ତା ବନ୍ଦ କରିଦେଇଥିବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ରଞ୍ଜନ ନାବାଳିକାଙ୍କ ଘରେ ପଶି ତଣ୍ଟି କାଟି ଫେରାର ହୋଇଯାଇଥିଲେ। ତେବେ ହତ୍ୟାକାଣ୍ଡ ଘଟାଇବା ପରେ ରଞ୍ଜନ କେଉଁଆଡ଼େ ଫେରାର ହେଲେ ତାହା ଜାଣିବାକୁ ପୋଲିସ ୨ ଦିନ ହେଲା କୁଇଓକୁ ସଂଯୋଗ କରୁଥିବା ରାସ୍ତାରେ ଲାଗିଥିବା ସମସ୍ତ ସିସିଟିଭି ଯାଞ୍ଚ କରୁଛି। ଏଥିସହ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସଦର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ତଦନ୍ତକାରୀ ଅଧିକାରୀ ଇନ୍‌ସ୍ପେକ୍ଟର ବି.ବି. ଜୟପୁରୀୟାଙ୍କ ସହ ଅନ୍ୟ ଏକ ଟିମ୍ ଗଢ଼ାଯାଇଛି। ଗୋଟିଏ ଟିମ୍ ଜିଲା ବାହାରକୁ ଯାଇ ଖୋଜାଖୋଜି କରୁଥିବା ଜଣାପଡ଼ିଛି।

# ଠିକା ଶ୍ରମିକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**କଣିହାଁ, ୯।୫ (ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମସ୍ଥିତ ଓଏଚ୍‌ପିସିରେ ଠିକା ଶ୍ରମିକ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ କରି କେତେଜଣ ଆଶାୟୀ ସୋମବାର ଆନ୍ଦୋଳନ କରିଥିଲେ। ଆନ୍ଦୋଳନକାରୀମାନେ କହିଛନ୍ତି ଯେ, ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଠିକା ସଂସ୍ଥାରେ ୩୦ ଦକ୍ଷତା ସମ୍ପନ୍ନ ଶ୍ରମିକଙ୍କ ଆବଶ୍ୟକତା ଥିଲା। ଏ ନେଇ ବହୁ ଆଶାୟୀ ଆବେଦନ କରିଥିବା ବେଳେ ଚୟନରେ ଅନିୟମିତତା କରାଯାଇ ୩୦ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସୋମବାର ଉକ୍ତ ଠିକା ଶ୍ରମିକମାନେ କାର୍ଯ୍ୟରେ ଯୋଗଦେବାକୁ ଯିବାରୁ ଏହାର ପ୍ରତିବାଦରେ ଅନ୍ୟ ଆଶାୟୀମାନେ ଆନ୍ଦୋଳନ କରିଥିଲେ। ସେମାନେ ଠିକ୍ ଚୟନ ପ୍ରକ୍ରିୟା ଦାବି କରି ଓଏଚ୍‌ପିସିର କାର୍ଯ୍ୟାଳୟ ସହିତ ବିଭିନ୍ନ ସ୍ଥାନରେ ତାଲା ପକାଇ ଦେଇଥିଲେ। ତେବେ ଦୀର୍ଘ ୪ ଘଣ୍ଟା ଧରି ଆନ୍ଦୋଳନ ପରେ କର୍ତ୍ତୃପକ୍ଷ ପହଞ୍ଚି ଆଲୋଚନା କରିବା ପରେ ଆନ୍ଦୋଳନ ହଟିଥିଲା। ଅନ୍ୟପକ୍ଷରେ ତୁରନ୍ତ ସ୍ଥାନୀୟ କ୍ଷତିଗ୍ରସ୍ତଙ୍କୁ ଠିକା କାର୍ଯ୍ୟରେ ନିଯୁକ୍ତି ସହିତ ଅନିୟମିତତାର ତଦନ୍ତ ଦାବିରେ ଭାଜପା ସମର୍ଥିତ ଶ୍ରମିକ ନେତା ଧ୍ରୁବଚରଣ ଧୀରଙ୍କ ନେତୃତ୍ୱରେ ବିଧାୟକ ମୁକେଶ ପାଳଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ଠିକା ଶ୍ରମିକ ନିଯୁକ୍ତି ଦାବିରେ ତଳମୁଣ୍ଡରେ ଥିବା ପୁଡ଼ାଗଡ଼ବାସୀଙ୍କ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଏ ସମ୍ପର୍କରେ ରେଙ୍ଗାଳି ଥାନା ଆଇଆଇସି ଅନାମ ଲାକ୍ରା କହିଛନ୍ତି, ବୁଝାଶୁଝା ପରେ ଆନ୍ଦୋଳନ ହଟିଛି। ବଜାର ଅଞ୍ଚଳ ଶାନ୍ତିପୂର୍ଣ୍ଣ ରହିଛି। ରେଙ୍ଗାଳି ଡ୍ୟାମ ପରିଚାଳକ ରୁଦ୍ରମୋହନ ନାୟକଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।




ପୁଡ଼ାଗଡ଼ବାସୀଙ୍କ ପକ୍ଷରୁ ଧାରଣା ଦିଆଯାଇଛି।

# ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା




ୱାକର୍ସ କ୍ଲବର ୭ମ ବାର୍ଷିକ ଅଧିବେଶନ ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମକର୍ତ୍ତାମାନେ।

**ତାଳଚେର,୯।୫(ନି.ପ୍ର.)**

ତାଳଚେର ୱାକର୍ସ କ୍ଲବର ୭ମ ବାର୍ଷିକ ଅଧିବେଶନ ଦେଉଳବେଡା କୋଲିୟରୀ ଇନିଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଡକ୍ଟର ଅଶୋକ କୁମାର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କ୍ଲବ ପ୍ରତିଷ୍ଠାତା ତଥା ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର କୈଳାସ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ କ୍ଲବର ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଲିଙ୍ଗରାଜ ଏରିଆର ଜେନେରାଲ ମ୍ୟାନେଜର ଅଜୟ କୁମାର ଦେହୁରୀ ଉପସ୍ଥିତ ରହି କ୍ଲବର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। କ୍ଲବ ସାଧାରଣ ସମ୍ପାଦକ ଅଶୋକ ସାମନ୍ତ ବିବରଣୀ ପାଠ, ପ୍ରକାଶ ମହାରଣା ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ହରେକୃଷ୍ଣ ପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନୋରଞ୍ଜନ ପ୍ରଧାନ, ପ୍ରତାପରୁଦ୍ର ପ୍ରଧାନ, ପ୍ରହ୍ଲାଦ ପରିଡା, ପବିତ୍ର ସାମଲ, ରାମଚନ୍ଦ୍ର ଅଗ୍ରୱାଲା, କନ୍ଦର୍ପ ସାହୁ, ରାଜକିଶୋର ନାଏକ, ବିରବର ସାହୁ, ହୃଦାନନ୍ଦ ସାହୁ, ଆନନ୍ଦ ଆଚାର୍ଯ୍ୟ, ପ୍ରଦୀପ ଦାସ, ପ୍ରକାଶ ସାହୁ, ଡକ୍ଟର ବିମଳ ଚନ୍ଦ୍ର ମାଝି, ରମେଶ ଚନ୍ଦ୍ର ପ୍ରଧାନ, ବିମଳ ନାଥ, ହୃଷିକେଶ ଜେନା, ବସନ୍ତ ପାଣିଗ୍ରାହୀ, ଡକ୍ଟର ବିନୟ ଖିଲାର, ଗିରିଶ ଚନ୍ଦ୍ର ସାମଲ, ପ୍ରତାପ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପଦୋନ୍ନତି ନ ହେଲେ ଆନ୍ଦୋଳନ ଚେତାବନୀ

**ବଅଁରପାଳ,୯।୫(ଡି.ଏନ.ଏ.)**

ନାଲ୍‌କୋ ଅଧିକାରୀମାନଙ୍କ ପଦୋନ୍ନତିରେ ଅହେତୁକ ବିଳମ୍ବକୁ ନେଇ ନାଲ୍‌କୋ ଅଫିସର୍ସ ଆସୋସିଏଶନ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ସଂଘ କାର୍ଯ୍ୟାଳୟରେ ସଭାପତି ବନମାଳୀ ସେଠୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋରେ ଅଧିକାରୀଙ୍କ ପଦୋନ୍ନତିରେ କର୍ତ୍ତୃପକ୍ଷ ଅବହେଳା କରିବା ସହ ବିଳମ୍ବ କରୁଛନ୍ତି। ଗତ ୨୦୨୧ଠାରୁ ପଦୋନ୍ନତି ପ୍ରକ୍ରିୟା ଆରମ୍ଭ କରାଯାଇ ନାହିଁ। କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ଯୋଗୁ ଅଧିକାରୀମାନେ ଆର୍ଥିକ କ୍ଷତି ସହିବା ସହ ମାନସିକ ଚାପରେ ରହୁଛନ୍ତି। ତେଣୁ ସଂଘ କାର୍ଯ୍ୟାଳୟରେ ୪୫ ଜଣ ଅଧିକାରୀ ଯୋଗଦେଇ ଏହାର ବିରୋଧ କରିଛନ୍ତି। ଏହାର ସମାଧାନ ପାଇଁ କର୍ତ୍ତୃପକ୍ଷ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆସୋସିଏଶନର କର୍ମକର୍ତ୍ତାମାନେ ଆନ୍ଦୋଳନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା, ଉପସଭାପତି କିଶୋର ବେହେରା, ରାକେଶ ବେହେରା, ସୁରେନ୍ଦ୍ର ନାୟକ, ଗୌତମ ନାୟକ, ପ୍ରତାପ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତାମାନେ।

# ୨୩ରେ ଜିଲା କ୍ରୀଡ଼ା ସଂଘ ନିର୍ବାଚନ

**ଅନୁଗୋଳ ଅଫିସ,୯।୫**

ଅନୁଗୋଳ ଜିଲାପାଳ ତଥା ଜିଲା କ୍ରୀଡ଼ା ସଂଘ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ୨୦୨୩-୨୪ ବର୍ଷ ପାଇଁ ଜିଲା କ୍ରୀଡ଼ା ସଂଘର ୪ଟି ପଦବୀ ପାଇଁ ନିର୍ବାଚନ ହେବ ବୋଲି ସ୍ଥିର ହୋଇଛି। ଉପସଭାପତି, ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦ ପାଇଁ ଆସନ୍ତା ୨୩ ତାରିଖ ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ଏ ନେଇ ଆସନ୍ତା ୧୧ ଓ ୧୨ ତାରିଖ ପୂର୍ବାହ୍ନ ୯ଟାରୁ ଦିନ ୧ ଘଟିକା ପର୍ଯ୍ୟନ୍ତ ଆପାତ୍ତକାଳୀନ ଓ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ନୋମିନେଶନ୍ ପେପର ଏବଂ ଭୋଟର ତାଲିକା ପାଇହେବ ବୋଲି ମଙ୍ଗଳବାର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୧୬ ତାରିଖ ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଦାଖଲ, ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ଅପରାହ୍ନ ୫ଟାରୁ ସନ୍ଧ୍ୟା ୭ଟା ମଧ୍ୟରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୮ ତାରିଖ ଦିନ ୧ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ଏହି ସମୟ ପରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ପ୍ରକାଶ କରାଯିବ। ୨୩ ତାରିଖରେ ମତଦାନ କରାଯିବା ପରେ ଦିନ ୧ଟାରୁ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ। ସେହିପରି ପ୍ରାର୍ଥୀ ନିର୍ବାଚନ ପ୍ରକ୍ରିୟା ନୋମିନେସନ୍ ଓ ଭୋଟିଂ ସମୟରେ ଯେ କୌଣସି ପରିଚୟପତ୍ର ଦାଖଲ କରିପାରବେ ବୋଲି କୁହାଯାଇଛି। ଅନୁଗୋଳ ଜିଲା କ୍ରୀଡ଼ା ସଂଘରେ (ପରିଚାଳକ ମଣ୍ଡଳୀ କିମ୍ବା ସାଧାରଣ ସଭାରେ) ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସଭ୍ୟ ଥିବା ବ୍ୟକ୍ତି ହିଁ ନିୟମାନୁଯାୟୀ ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଲଢ଼ି ପାରିବେ। ପ୍ରସ୍ତାବକ ଓ ସମର୍ଥକଙ୍କ ନାମ ଭୋଟର ତାଲିକାରେ ନିଶ୍ଚିତ ଭାବେ ଥିବା ଆବଶ୍ୟକ। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଅନୁଗୋଳ ଜିଲା କ୍ରୀଡ଼ା ସଂଘ ବାଇ-ଲ ଅନୁଯାୟୀ ଅନୁସରଣ କରାଯିବ। ଏହି ନିର୍ବାଚନ ପ୍ରକ୍ରିୟାର ସମସ୍ତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ସଭାପତି, ଜିଲା କ୍ରୀଡ଼ା ସଂଘ ଅନୁଗୋଳର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି ଧରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଆଜବେଷ୍ଟସ୍ ଉପରୁ ଖସି ଜଣେ ମୃତ

**କଣିହାଁ,୯।୫(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ଝୁଲାଖୁଣ୍ଟିଆ ଗ୍ରାମର ବିଜୟ ସାହୁଙ୍କ ମୁଢି ଫ୍ୟାକ୍ଟ୍ରି ଆଜବେଷ୍ଟସ୍ ଉପରୁ ଖସିପଡ଼ି ଝୁଲାଖୁଣ୍ଟିଆ ଗ୍ରାମର ଧରଣୀଧର କବିଙ୍କ ମୃତ୍ୟୁ ହୋଇଛି। କବି ଓ ଅନ୍ୟ ଜଣେ ବ୍ୟକ୍ତି ଆଜବେଷ୍ଟସ୍ ଛପର କରୁଥିବା ସମୟରେ କବି ଖସି ପଡ଼ିଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ପରିବାର ଲୋକେ ମୁଢି ଫ୍ୟାକ୍ଟ୍ରି ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ଧାରଣା ଦେଇଥିଲେ। ଖବରପାଇ କଣିହାଁ ତହସିଲଦାର ଓ ସମଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଖବରଲେଖା ହେବା ସୁଦ୍ଧା ଉତ୍ତେଜନା ଲାଗି ରହିଥିବା ଜଣାପଡିଛି। ଏ ନେଇ ସମଲ ଆଇଆଇସି ଯାଜ୍ଞସେନୀ ପ୍ରଧାନ କହିଛନ୍ତି, ମୃତକଙ୍କ ସ୍ତ୍ରୀଙ୍କ ଅଭିଯୋଗକ୍ରମେ କେସ୍ ନଂ.୧୩୩/୨୦୨୩ରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି।

# ଅର୍ଥନୈତିକ ଅବରୋଧ ହଟିଲା, ଧାରଣା ଜାରି

**ଛେଣ୍ଡିପଦା,୯।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ 'ଆମ ହସ୍ପିଟାଲ' ଯୋଜନାରେ ସାମିଲ କରିବା ଦାବିରେ ସୋମବାରଠାରୁ କରାଯାଇଥିବା ଅର୍ଥନୈତିକ ଅବରୋଧ ଆନ୍ଦୋଳନ ମଙ୍ଗଳବାର ହଟିଛି। ଅନୁଗୋଳ ଅତିରିକ୍ତ ଜିଲାପାଳଙ୍କ ବୁଝାଶୁଝା ପରେ ଏହି ଆନ୍ଦୋଳନ ସ୍ଥଗିତ ରହିଥିଲେ ହେଁ ୨୦ଦିନ ହେବ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଜାରିରହିଛି। ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଲିଖିତ ଭାବେ ପ୍ରଦାନ କରାଯିବା ପରେ ଧାରଣା ପ୍ରତ୍ୟାହାର ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଛି।
ପ୍ରକାଶ ଯେ, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ ଦାବି ନେଇ ବାଗଡିଆ ଓ ଛେଣ୍ଡିପଦା ଜୋନର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗ୍ରାମରୁ ଗ୍ରାମ ସଭାପତିଙ୍କ ସମେତ ସହସ୍ରାଧିକ ମହିଳା ପୁରୁଷ ଛେଣ୍ଡିପଦା ୭ ମୌଜାର ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏପ୍ରିଲ ୨୦ ଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଛନ୍ତି। ଏଥିସହ ସୋମବାରାଠାରୁ ସେମାନେ ଛେଣ୍ଡିପଦା ବନ୍ଦ ଡାକରା ଦେବା ସହିତ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଚଳାଇଥିଲେ। ଫଳରେ ଦୁଇ ଦିନ ହେଲା ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏପରିକି ଦୁଇଟି ଜୋନ ଅଞ୍ଚଳରେ ଦୋକାନ ବଜାର ସହ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା। ପରେ ଅନୁଗୋଳ ଜିଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଉପଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଉପଖଣ୍ଡ ପୋଲିସ ଅଧିକାରୀ ରମାକାନ୍ତ ମହାଳିକ, ତହସିଲଦାର ମାନସ କୁମାର ରାୟ, ସହକାରୀ ଜିଲାପାଳ ରାଜୀବ ଲୋଚନ ବେହେରା ପ୍ରମୁଖ ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ କରିବା ପାଇଁ ଜିଲାପାଳ ବୁଧବାର ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ଅର୍ଥନୈତିକ ଅବରୋଧରୁ ହଟିଯାଇଥିଲେ। ଜିଲାପାଳ ପଠାଇଥିବା ଚିଠିର ନକଲ ପାଇବା ପରେ ତହସିଲ ସମ୍ମୁଖରେ ଚାଲିଥିବା ଧାରଣା ହଟିବ ବୋଲି ଆନ୍ଦୋଳନକାରୀଙ୍କ ପକ୍ଷରୁ କୁହାଯାଇଥିଲା।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ ହସ୍ପିଟାଲ ଯୋଜନାରେ ସାମିଲ ଦାବିରେ ଆନ୍ଦୋଳନ ଚାଲିଛି।

